**ଦିଗୱାଡିହ କୋଇଲା ଖଣି ସହ ସମ୍ପୃକ୍ତ ନିୟୋଜକମାନେ**

**ବନାମ**

**ସେମାନଙ୍କର ଶ୍ରମିକମାନେ**

*ମାର୍ଚ୍ଚ* 22, 1965

[ମୁଖ୍ୟ ନ୍ୟାୟାଧୀଶ ପି. ବି. ଗଜେନ୍ଦ୍ରଗଡକର, କେ. ଏନ୍. ୱାଞ୍ଚୁ, ଏମ୍. ହିଦାୟତୁଲ୍ଲା ଏବଂ ଭି. ରାମାସ୍ୱାମୀ, ନ୍ୟାୟମୂର୍ତ୍ତିବୃନ୍ଦ]

*ଶିଳ୍ପ ବିବାଦ ଅଧିନିୟମ (14/1947) ର ଧାରା 25B ଏବଂ 25F - ନିରନ୍ତର ସେବା, ଅର୍ଥ ।*

ଜଣେ *ବଦଳି* ଶ୍ରମିକ ଆବେଦନକାରୀଙ୍କ କର୍ମଚାରୀ ଭାବେ 1959 ଏବଂ 1960 ପଞ୍ଜି ବର୍ଷରେ କିଛି ବିରତି ସହ 240 ଦିନରୁ ଅଧିକ ସମୟ ଧରି କାର୍ଯ୍ୟ କରିଥିଲେ । 1961 ମସିହାରେ ତାଙ୍କୁ ଛଟେଇ କରାଗଲା । ତେଣୁ ଏପରି ଏକ ଶିଳ୍ପ ବିବାଦ ଉପୁଜିବା ପରେ, ଏହାକୁ ନ୍ୟାୟାଧିକରଣଙ୍କ ନିକଟକୁ ବିଚାରାର୍ଥେ ପ୍ରେରଣ କରାଗଲା, ଯାହା ନିର୍ଣ୍ଣୟ ନେଲେ ଯେ ଆବେଦନକାରୀ ଶ୍ରମିକଙ୍କ ସେବା ସମାପ୍ତ କରିବା ନ୍ୟାୟସଙ୍ଗତ ନୁହେଁ, କାରଣ ଏହା ଶିଳ୍ପ ବିବାଦ ଅଧିନିୟମ, 1947 ର ପ୍ରାବଧାନ 25Fର ଅନୁପାଳନ କଲା ନାହିଁ । 25ଶିଳ୍ପ ବିବାଦ ଅଧିନିୟମ, 1947 ର F ର ଅନୁପାଳନ କରାଯାଇ ନଥିଲା ।

ଏହି ଅଦାଲତରେ ଏହାର ଆବେଦନରେ, ଆବେଦନକାରୀ ଯୁକ୍ତି ଦର୍ଶାଇଲେ ଯେ ଏହି ଧାରା କେବଳ ସେତେବେଳେ ଲାଗୁ ହୋଇଥାନ୍ତା ଯେତେବେଳେ ଶ୍ରମିକ 1959 ଏବଂ 1960 ମସିହାରେ, କୌଣସି ଗୋଟିଏ ବର୍ଷରେ 240 ଦିନର ନିରନ୍ତର *ସେବା ପ୍ରଦାନ* କରିଥାନ୍ତେ ।

ନିର୍ଣ୍ଣୟ ନିଆଗଲା : ଧାରା 25 B ଧାରା 25 F ର ଉଦ୍ଦେଶ୍ୟରେ ଏହା ଦର୍ଶାଏ ଯେ ଜଣେ ଶ୍ରମିକ ଯିଏ 12ଟି ପଞ୍ଜି ମାସ ମଧ୍ୟରେ ଅତିକମରେ 240 ଦିନ କାମ କରିଛନ୍ତି, ସେ ଏକ ବର୍ଷର *ନିରନ୍ତର ସେବା* ସମାପ୍ତ କରିଥିବା ବିବେଚନା କରାଯିବ । 12ଟି ପଞ୍ଜି ମାସର ଅବଧି ମଧ୍ୟରେ 240 ଦିନ ପାଇଁ ସେବା କେବଳ ଏକ ବର୍ଷର ସେବା ସହିତ ସମାନ ତା ନୁହେଁ, ବରଂ ଏଥିରେ ବିରତି ହେଲେ ମଧ୍ୟ ଏହାକୁ *ନିରନ୍ତର ସେବା* ବୋଲି ବିବେଚନା କରାଯିବ । ତେଣୁ, ଯଦିଓ ଧାରା 25F ନିୟୋଜକଙ୍କ ଅଧୀନରେ ଏକ ବର୍ଷରୁ କମ୍ ସମୟ ପାଇଁ ନିରନ୍ତର ସେବା ବିଷୟରେ ଦର୍ଶାଏ,

ତେବେ ଉଭୟ ସର୍ତ୍ତ ପୂରଣ ହୁଏ ଯଦି ଶ୍ରମିକ 12ଟି ପଞ୍ଜି ମାସର ଅବଧି ମଧ୍ୟରେ 240 ଦିନ ପାଇଁ ପ୍ରକୃତରେ କାମ କରିଛନ୍ତି । ଧାରା 2(eee) ରେ ଥିବା ନିରନ୍ତର ସେବାର ସଂଜ୍ଞାକୁ ଧାରା 25B ରେ ଥିବା ପ୍ରାବଧାନ ସହିତ କଳ୍ପନା କରି ପଢ଼ିବା ଆବଶ୍ୟକ ନୁହେଁ କାରଣ, କାରଣ ଏହି କଥନଟି ବାରଟି ପଞ୍ଜି ମାସର ଅବଧି ମଧ୍ୟରେ 240 ଦିନର ସେବାକୁ ଗୋଟିଏ ସମ୍ପୂର୍ଣ୍ଣ ବର୍ଷ ପାଇଁ ନିରନ୍ତର ସେବାରେ ପରିଣତ କରେ ।

ଶିଳ୍ପ ବିବାଦ (ସଂଶୋଧନ) ଅଧିନିୟମ, 1964 ଦ୍ୱାରା ଧାରା 25B and 25Fରେ ଅଣାଯାଇଥିବା ସଂଶୋଧନ କେବଳ ଅସଂଶୋଧିତ ଧାରା 25B ଏବଂ 25F(b) ଏବଂ ପୂର୍ବରୁ ଥିବା ଅସ୍ପଷ୍ଟତା ମଧ୍ୟରେ ଥିବା ଅସଙ୍ଗତିକୁ ହଟାଇ ଦେଲା । କିନ୍ତୁ ସଂଶୋଧନ ପୂର୍ବରୁ କିମ୍ବା ପରେ, ନିରବଚ୍ଛିନ୍ନ ସେବାର ଆବଶ୍ୟକତା ନାହିଁ, ଯଦି 12ଟି ପଞ୍ଜି ମାସର ଅବଧି ମଧ୍ୟରେ ମୋଟ ସେବା 240 ଦିନ ଅଟେ ।

ଦେୱାନୀ ଆବେଦନ ଅଧିକରିତା : ଦେୱାନୀ ଆବେଦନ ସଂଖ୍ୟା 43/1964 ।

ସୂଚନା ସଂଖ୍ୟା 56/1961ରେ ଧାନବାଦ ସ୍ଥିତ କେନ୍ଦ୍ର ସରକାରଙ୍କ ଶିଳ୍ପ ନ୍ୟାୟାଧିକରଣଙ୍କର 1962 ମସିହା ଅଗଷ୍ଟ 3 ତାରିଖର ଅଧିନିର୍ଣ୍ଣୟରୁ ସ୍ୱତନ୍ତ୍ର ଆବେଦନ ଦ୍ୱାରା ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ *ବି. ସେନ୍ ଏବଂ ଆଇ. ଏନ୍. ଶ୍ରଫ୍* ।

ଉତ୍ତରଦାତା ହାଜର ହେଲେ ନାହିଁ ।

ନ୍ୟାୟମୂର୍ତ୍ତି ହିଦାୟତୁଲ୍ଲାଙ୍କ ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

**ଶିଳ୍ପ ବିବାଦ** ଅଧିନିୟମ 1947 ଅନୁଯାୟୀ କେନ୍ଦ୍ର ସରକାରଙ୍କ ଧାନବାଦ ସ୍ଥିତ ଶିଳ୍ପ ନ୍ୟାୟାଧିକରଣଙ୍କର 1962 ମସିହା ଅଗଷ୍ଟ 3, ତାରିଖର ଅଧିନିର୍ଣ୍ଣୟ ବିରୁଦ୍ଧରେ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହା ଏକ ଆବେଦନ । ଆବେଦନକାରୀମାନେ ହେଉଛନ୍ତି ଦିଗୱାଡିହ କୋଇଲା ଖଣି ସହ ସମ୍ପୃକ୍ତ ନିୟୋଜକମାନେ ଏବଂ ଉତ୍ତରଦାତାମାନେ ହେଲେ ସେମାନଙ୍କର ଶ୍ରମିକ । ଶ୍ରମିକମାନେ ଏହି ନ୍ୟାୟାଳୟରେ ହାଜର ହେଲେ ନାହିଁ ।ବିବାଦଟି ଥିଲା ଯେ ଜଳଧର ସିଂହଙ୍କ ସେବାକୁ ପିଛିଲା ମଜୁରୀ ଦେୟ ସହିତ ସମାପ୍ତ କରି କୋଇଲା ଖଣିର ପରିଚାଳନାବର୍ଗ ଯଥାର୍ଥ ଥିଲେ କି ନାହିଁ ?

ଜଳଧର ସିଂହ ଜଣେ '*ବଦଳି*' ଶ୍ରମିକ ଥିଲେ, ଯାହାର ଅର୍ଥ ହେଉଛି (କୋଇଲା ଖଣିର ସ୍ଥାୟୀ ଆଦେଶ ଦ୍ୱାରା ପରିଭାଷିତ) ଜଣେ ସ୍ଥାୟୀ କର୍ମଚାରୀ କିମ୍ବା ଅସ୍ଥାୟୀ ଭାବେ ଅନୁପସ୍ଥିତ ଥିବା ଜଣେ ପରିବୀକ୍ଷା ଅଧିକାରୀଙ୍କ ପଦବୀରେ ନିଯୁକ୍ତ ଆଉ ଜଣେ ବ୍ୟକ୍ତି । ସେ ପଞ୍ଜି ବର୍ଷ 1959 ଏବଂ 1960 ରେ ବିଭିନ୍ନ ପଦବୀରେ *ବଦଳି* ଭାବରେ କାର୍ଯ୍ୟ କରିଥିଲେ । ଅବଶ୍ୟ, ତାଙ୍କର ନିଯୁକ୍ତି,ନିରନ୍ତର ନଥିଲା ଏବଂ ତାଙ୍କର 1959 ମସିହାରେ ଗୋଟିଏ ଦିନରୁ ଏକ ସପ୍ତାହ ପର୍ଯ୍ୟନ୍ତ ଛଅଟି ବିରତି ଥିଲା ଏବଂ 1960 ମସିହାରେ ଗୋଟିଏ ଦିନରୁ ଏକ ସପ୍ତାହ ପର୍ଯ୍ୟନ୍ତ ଆଠଟି ବିରତି ଥିଲା । ତଥାପି, ଏହି ବିରତି ଗୁଡ଼ିକ ସତ୍ତ୍ୱେ, ସେ ପ୍ରତ୍ୟେକ ପଞ୍ଜି ବର୍ଷରେ 240 ଦିନରୁ ଅଧିକ ଦିନ ପାଇଁ କାମ କରିଥିଲେ । 1961 ମସିହା ଜାନୁଆରୀ ମାସରେ କୋଇଲା ଖଣିର ପରିଚାଳନାବର୍ଗ ଜଳଧର ସିଂଙ୍କୁ ବିନା ସୂଚନାରେ କିମ୍ବା ସୂଚନା କିମ୍ବା କ୍ଷତିପୂରଣ ବଦଳରେ ମଜୁରୀ ପ୍ରଦାନ ନକରି ତାଙ୍କ ସେବାକୁ ସମାପ୍ତ କରିଥିଲେ । ତେଣୁ ଏପରି ଏକ ବିବାଦ ଉପୁଜିଲା, ଏହାର ଅପୋସ ବୁଝାମଣା ପାଇଁ ପ୍ରୟାସ କରାଗଲା କିନ୍ତୁ ଏହାର ବିଫଳ ଘଟିଲା ଏବଂ ତେଣୁ ଏହାକୁ ବିଚାରାର୍ଥେ ପ୍ରେରଣ କରାଗଲା ।

ନ୍ୟାୟାଧିକରଣଙ୍କ ସମ୍ମୁଖରେ ଶ୍ରମିକମାନେ ଦାବି କଲେ ଯେ ଜଳଧର ସିଂ ଜଣେ ସ୍ଥାୟୀ ଶ୍ରମିକ ହୋଇଥିବାବେଳେ ନିୟୋଜକମାନେ ଯୁକ୍ତି କଲେ ଯେ ସେ ଅସ୍ଥାୟୀ ଥିଲେ । ନିୟୋଜକମାନେ ବିବୃତି ରଖିଲେ ଯେ କେତେକ ସ୍ଥାୟୀ କର୍ମଚାରୀ ବଳକା ହୋଇଯାଇଥିବାରୁ *ବଦଳି* ଶ୍ରମିକମାନଙ୍କର କୌଣସି ଆବଶ୍ୟକ ନଥିଲା ଏବଂ ଜଳଧର ସିଂହଙ୍କ ସେବା ସମାପ୍ତ ହେବା ଯଥାର୍ଥ ଥିଲା । ଶ୍ରମିକମାନେ ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ ଯେ ଜଳଧର ସିଂହ 1960 ମସିହାରୁ ସ୍ଥାୟୀ ହୋଇସାରିଥିଲେ ଏବଂ କିଛି ଦସ୍ତାବିଜ୍ ଉପସ୍ଥାପନ କରିଥିଲେ ଯେଉଁଥିରୁ ସେମାନେ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ଚାହିଁଥିଲେ କିନ୍ତୁ ନ୍ୟାୟାଧିକରଣ ଏଥିରେ ରାଜି ହେଲେନାହିଁ । ବିକଳ୍ପରେ ଶ୍ରମିକମାନେ ଧାରା 25 F ଉପରେ ନିର୍ଭର କଲେ କାରଣ ଜଳଧର ସିଂହ ପ୍ରତ୍ୟେକ ବର୍ଷରେ 240 ଦିନ କାର୍ଯ୍ୟ କରିଥିଲେ ଏବଂ ଯୁକ୍ତି କରିଥିଲେ ଯେ ନିୟୋଜକମାନେ ଧାରା 25 F ର ପ୍ରାବଧାନଗୁଡିକର ଅନୁପାଳନ କରିବାରେ ବିଫଳ ହୋଇଥିବାରୁ ସେବା ସମାପ୍ତି ବେଆଇନ ଏବଂ ଅନ୍ୟାୟ ଥିଲା । ନିୟୋଜକମାନେ ଦର୍ଶାଇଥିଲେ ଯେ ଧାରା 25F କେବଳ ସେତେବେଳେ ଲାଗୁ ହୋଇଥାନ୍ତା, ଯେତେବେଳେ ଜଳଧର ସିଂହ 1959 କିମ୍ବା 1960 ମସିହା ମଧ୍ୟରୁ କୌଣସି ଗୋଟିଏ ବର୍ଷରେ 240 ଦିନର *ନିରନ୍ତର ସେବା* ପ୍ରଦାନ କରିଥାନ୍ତେ ।

ଜଳଧର ସିଂହଙ୍କ ସେବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କିମ୍ବା ସ୍ୱେଚ୍ଛାକୃତ ଅବସର, ସେବାନିବୃତ୍ତି କିମ୍ବା ଅସୁସ୍ଥତା କାରଣରୁ ନୁହେଁ ବରଂ ସ୍ୱୀକାରଯୋଗ୍ୟ ଭାବେ ସମାପ୍ତ କରାଗଲା କାରଣ ସେଠାରେ ତାଙ୍କ ପାଇଁ କୌଣସି କାର୍ଯ୍ୟ ନଥିଲା । ତେଣୁ ଅଧିନିୟମର ଧାରା 2 (00) ରେ ବ୍ୟାଖ୍ୟା କରାଯାଇଥିବା ପରି ଏହା ଏକ ଛଟେଇ ମାମଲା ଥିଲା । ଧାରା 25 F, ଯାହାକୁ ଶିଳ୍ପ ବିବାଦ( ସଂଶୋଧନ) 1953 (43/1953) ଦ୍ୱାରା, 1953 ମସିହା ଅକ୍ଟୋବର 24 ତାରିଖରୁ ପ୍ରଭାବ୍ୟ ହୋଇ, ଅଧ୍ୟାୟ VAର ଅଂଶ ଭାବରେ ଅନ୍ତର୍ଭୁକ୍ତ କରାଗଲା ତାହା ଏପରି ପ୍ରାବଧାନ ରଖେ :

"25F. ଶ୍ରମିକମାନଙ୍କ ଛଟେଇ ପାଇଁ ପୂର୍ବ ସର୍ତ୍ତାବଳୀ ହେଉଛି :

କୌଣସି ଶିଳ୍ପରେ ନିଯୁକ୍ତ କୌଣସି ଶ୍ରମିକ ଯିଏ ଜଣେ ନିୟୋଜକଙ୍କ ଅଧୀନରେ ଏକ ବର୍ଷରୁ କମ୍ ସମୟ ଧରି ନିରନ୍ତର ସେବାରେ ଅଛନ୍ତି, ସେହି ନିୟୋଜକଙ୍କ ଦ୍ୱାରା ତାଙ୍କୁ ସେବାରୁ ହଟାଇ ଦିଆଯାଇ ପାରିବ ନାହିଁ ଯେ ପର୍ଯ୍ୟନ୍ତ -

(a) ସେହି ଶ୍ରମିକଙ୍କୁ ଏକ ମାସର ଅଗ୍ରୀମ ଲିଖିତ ସୂଚନା ଯାହା ଛଟେଇ କରିବାର କାରଣ ଦର୍ଶାଇଥାଏ , ତାହା ଦିଆଯାଇ ନାହିଁ ଏବଂ ସୂଚନାର ଅବଧି ସମାପ୍ତ ହୋଇ ନାହିଁ , କିମ୍ବା ଶ୍ରମିକଙ୍କୁ ଏପରି ସୂଚନା ବଦଳରେ, ଏହି ସୂଚନାର ଅବଧି ପାଇଁ ପାରିଶ୍ରମିକ ପ୍ରଦାନ କରାଯାଇ ନାହିଁ :

ଉଲ୍ଲେଖଥାଉକି, ଏପରି କୌଣସି ସୂଚନାର ଆବଶ୍ୟକ ପଡ଼ିବ ନାହିଁ, ଯଦି ଛଟେଇ ଏକ ଚୁକ୍ତି ଅନୁଯାୟୀ ହୁଏ , ଯାହା ସେବା ସମାପ୍ତି ପାଇଁ ଏକ ତାରିଖ ନିର୍ଦ୍ଧାରଣ କରେ :

(b) ଛଟେଇ ସମୟରେ ଶ୍ରମିକଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି, ଯାହା ପ୍ରତ୍ୟେକ ସମ୍ପୂର୍ଣ୍ଣ ହୋଇଥିବା ସେବା ବର୍ଷ କିମ୍ବା ତାହାର ଛଅ ମାସରୁ ଅଧିକ କୌଣସି ଅଂଶ ପାଇଁ ପନ୍ଦର ଦିନର ହାରାହାରି ଦରମା ସହିତ ସମାନ ହେବ; ଏବଂ

(c) ନିର୍ଦ୍ଧାରିତ ରୀତିରେ, ସୂଚନା, ଉପଯୁକ୍ତ ସରକାରଙ୍କୁ ପ୍ରଦାନ କରାଯାଇ ନାହିଁ ।"

ଏହି ଧାରା, ଯଦି ଲାଗୁ ହୋଇଥାନ୍ତା, ତେବେ ଏହା ସ୍ପଷ୍ଟ ଭାବରେ କୌଣସି ପୂର୍ବ ସର୍ତ୍ତ ଗୁଡିକର ଅନୁପାଳନ କରିନଥାନ୍ତା । ପୂର୍ବରୁ ଦେଖାଯାଇଥିବା ଭଳି, ଜଳଧର ସିଂହଙ୍କୁ କୌଣସି ସୂଚନା କିମ୍ବା ସୂଚନା ବଦଳରେ ପାରିଶ୍ରମିକ ଦିଆଯାଇନଥିଲା କିମ୍ବା କ୍ଷତିପୂରଣ ପ୍ରଦାନ କରାଯାଇନଥିଲା ଏବଂ ଉପଯୁକ୍ତ ସରକାରଙ୍କୁ କୌଣସି ସୂଚନା ଜାରି କରାଯାଇନଥିଲା । ଏପରି

ପରିସ୍ଥିତିରେ ସେବା ସମାପ୍ତ କରିବା ବେଆଇନ ହେବ । କିନ୍ତୁ ନିୟୋଜକମାନେ ଦର୍ଶାଇଥିଲେ ଯେ ଧାରା 25F ଦୁଇଟି ସର୍ତ୍ତ ଆବଶ୍ୟକ କରେ (a) ନିରନ୍ତର ସେବା ଏବଂ (b) ସେବା ଯାହାକି ଏକ ବର୍ଷରୁ କମ୍ ସମୟ ପାଇଁ ନୁହେଁ, ଏବଂ ଯୁକ୍ତି କରିଥିଲେ ଯେ ଏହି ସର୍ତ୍ତଗୁଡିକ ପୂରଣ କରାଯାଇ ନାହିଁ କାରଣ ଏହି ସେବା ନିରନ୍ତର ନୁହେଁ ବରଂ ବିରତି ଯୁକ୍ତ ହୋଇଛି । ସେମାନେ ସେହି ସମାନ ସଂଶୋଧନକାରୀ ଅଧିନିୟମ ଦ୍ଵାରା ଧାରା 2 (eee) ରେ ଥିବା "ନିରନ୍ତର ସେବା" ର ସଂଜ୍ଞା ଉପରେ ନିର୍ଭର କରିଥିଲେ ।

> " 2 (eee) ନିରନ୍ତର ସେବାର ଅର୍ଥ ହେଉଛି ନିରବଚ୍ଛିନ୍ନ ସେବା, ଏବଂ ଏହା ସେହି ସେବାକୁ ଅନ୍ତର୍ଭୁକ୍ତ କରେ ଯାହା, କେବଳ ଅସୁସ୍ଥତା କିମ୍ବା ଅଧିକୃତ ଛୁଟି କିମ୍ବା ଦୁର୍ଘଟଣା କିମ୍ବା ବେଆଇନ ହୋଇନଥିବା ଧର୍ମଘଟ କାରଣରୁ କିମ୍ବା ଶ୍ରମିକମାନଙ୍କ ତରଫରୁ କୌଣସି ତ୍ରୁଟି ହେତୁ ନହୋଇ, ତାଲାବନ୍ଦ କିମ୍ବା କାର୍ଯ୍ୟ ବନ୍ଦ ଯୋଗୁଁ ବାଧାପ୍ରାପ୍ତ ହୋଇପାରେ । "

ଅନ୍ୟପକ୍ଷରେ ଶ୍ରମିକମାନେ ଧାରା 25B ର ପ୍ରାବଧାନଗୁଡିକ ଉପରେ ନିର୍ଭର କଲେ ଯାହାକୁ ନିମ୍ନମତେ ପଠନ କରାଯାଇପା ରେ :

> " 25B. ଏକ ବର୍ଷର ନିରନ୍ତର ସେବାର ସଂଜ୍ଞା ।
>
> ଧାରା 25C ଏବଂ 25F, ଉଦ୍ଦେଶ୍ୟରେ ଏପରି ପ୍ରାବଧାନ ରହିଛି , ଜଣେ ଶ୍ରମିକ ଯିଏ 12ଟି ପଞ୍ଜି ମାସ ମଧ୍ୟରେ କୌଣସି ଶିଳ୍ପରେ ଅତିକମରେ ଦୁଇ ଶହ ଚାଳିଶ ଦିନ କାମ କରିଛନ୍ତି, ସେ ସେହି ଶିଳ୍ପରେ ଏକ ବର୍ଷର ନିରନ୍ତର ସେବା ସମାପ୍ତ କରିଥିବା ବିବେଚନା କରାଯିବ ।
>
> *ବ୍ୟାଖ୍ୟା.*- କୌଣସି ଶିଳ୍ପରେ ଜଣେ ଶ୍ରମିକ ପ୍ରକୃତରେ କେତେ ଦିନ କାମ କରିଛନ୍ତି ସେହି ଦିନଗୁଡିକୁ ଏପରି ଗଣନା କରାଯିବ, ଯେଉଁଗୁଡିକୁ -
>
> (a) ଶିଳ୍ପ ନିଯୁକ୍ତି (ସ୍ଥାୟୀ ଆଦେଶ) ଅଧିନିୟମ, 1946 ଅନୁଯାୟୀ କିମ୍ବା ଏହି ଅଧିନିୟମ ଅନୁଯାୟୀ କିମ୍ବା ଶିଳ୍ପ ପ୍ରତିଷ୍ଠାନ ପାଇଁ ପ୍ରଯୁଜ୍ୟ ଅନ୍ୟ କୌଣସି ଆଇନ ଅନୁଯାୟୀ କରାଯାଇଥିବା ସ୍ଥାୟୀ ଆଦେଶ ଦ୍ଵାରା ଏକ ଚୁକ୍ତିନାମା କିମ୍ବା ଅନୁମତି ଅନୁଯାୟୀ ତାଙ୍କୁ ଛଟେଇ କରାଯାଇଛି, ଏହି ଖଣ୍ଡ ଉଦ୍ଦେଶ୍ୟରେ ସର୍ବାଧିକ ସଂଖ୍ୟକ ଦିନଗୁଡିକୁ ହିସାବକୁ ନିଆଯାଉଛି, ଯେଉଁଥିରେ ସେ ଏପରି ଛଟେଇ ହୋଇଛନ୍ତି ।

(b) ସେ ପୂର୍ବ ବର୍ଷରେ ଅର୍ଜିତ ସମ୍ପୂର୍ଣ୍ଣ ପାରିଶ୍ରମିକ ସହିତ ଛୁଟିରେ ଅଛନ୍ତି, ଏବଂ

(c) ଜଣେ ମହିଳାଙ୍କ କ୍ଷେତ୍ରରେ, ଯଦି ସେ ପ୍ରସୂତି ଛୁଟିରେ ଅଛନ୍ତି; ଏହି ପ୍ରସୂତି ଛୁଟିର ମୋଟ ଅବଧି ବାର ସପ୍ତାହରୁ ଅଧିକ ହେବ ନାହିଁ ;

ଏଥିରେ ଅନ୍ତର୍ଭୁକ୍ତ କରାଯିବ "।

ଧାରା 2 ରେ ଥିବା ସଂଜ୍ଞାଗୁଡ଼ିକ ଲାଗୁ ହୁଏ ନାହିଁ ଯଦି ଏହି ବିଷୟ କିମ୍ବା ପ୍ରସଙ୍ଗରେ କୌଣସି ବିରୋଧାତ୍ମକ ତଥ୍ୟ ଅଛି ଏବଂ ପ୍ରଶ୍ନ ହେଉଛି ଧାରା 25F କୁ ବିଚାର କରିବା ସମୟରେ "ନିରନ୍ତର ସେବା" ର ସଂଜ୍ଞା ଆଦୌ ଲାଗୁ ହୋଇପାରିବ କି, ଯେତେବେଳେ ଧାରା 25B ଦ୍ୱାରା ସ୍ୱତନ୍ତ୍ର ଭାବରେ ଉଲ୍ଲେଖ ଥାଇ , ଧାରା 25F ରେ "ଏକ ବର୍ଷର ନିରନ୍ତର ସେବା" ଅଭିବ୍ୟକ୍ତି ଦ୍ୱାରା ଯାହା ବୁଝାଯାଏ । ଯଦି ଧାରା 25B ପ୍ରବର୍ତ୍ତିତ ହୋଇନଥାନ୍ତା, ତେବେ ନିୟୋଜକମାନଙ୍କ ଯୁକ୍ତି ଧାରା 25Fର ଶବ୍ଦଗୁଡ଼ିକ ପାଇଁ ଉତ୍ତରହୀନ ହୋଇଥାଆନ୍ତା, ଯାହା ସ୍ପଷ୍ଟ ଭାବରେ ଅର୍ଥ କରିଥାନ୍ତା ଯେ ନିଜସ୍ୱ ଧାରା 2 (eee)ରେ ଉଲ୍ଲେଖ ଥିବା ବ୍ୟତିରେକ,12 ମାସର ଅବଧି ପାଇଁ ସେବା ବିରତି ହୀନ ହେବା ଉଚିତ୍ । କିନ୍ତୁ ଧାରା 25B ପ୍ରାବଧାନ ରଖେ ଯେ, ଧାରା 25Fର ଉଦ୍ଦେଶ୍ୟରେ ଯଦି ଜଣେ ଶ୍ରମିକ ଯିଏକି ପ୍ରକୃତରେ 240 ଦିନରୁ କମ୍ ହୋଇନଥିବା ବାରଟି ପଞ୍ଜି ମାସର ଅବଧି ମଧ୍ୟରେ କାମ କରିଛନ୍ତି, ସେ ଏକ ବର୍ଷର *ନିରନ୍ତର ସେବା* ସମାପ୍ତ କରିଥିବା ବିବେଚନା କରାଯିବ । ବାରଟି ପଞ୍ଜି ମାସର ଅବଧି ମଧ୍ୟରେ 240 ଦିନ ପାଇଁ ସେବା କେବଳ ଏକ ବର୍ଷ ପାଇଁ ସେବା ସହିତ ସମାନ ନୁହେଁ, ବରଂ ବାଧାପ୍ରାପ୍ତ ହେଲେ ମଧ୍ୟ ତାହାକୁ *ନିରନ୍ତର ସେବା* ବୋଲି ବିବେଚନା କରାଯିବ । ତେଣୁ, ଯଦିଓ ଧାରା 25F ନିୟୋଜକମାନଙ୍କ ଅଧୀନରେ ଏକ ବର୍ଷରୁ କମ୍ ସମୟ ପାଇଁ ନିରନ୍ତର ସେବା ବିଷୟରେ କୁହେ, ଉଭୟ ସର୍ତ୍ତ ପୂରଣ ହୁଏ ଯଦି ଶ୍ରମିକ ବାସ୍ତବରେ ବାରଟି ପଞ୍ଜି ମାସର ଅବଧି ମଧ୍ୟରେ 240 ଦିନ କାମ କରିଛନ୍ତି । ନିରନ୍ତର ସେବାର ସଂଜ୍ଞାକୁ ଧାରା 25B ଅନୁଯାୟୀ ପଢ଼ିବା ଆବଶ୍ୟକ ନୁହେଁ କାରଣ ଏହି କଥନଟି ବାରଟି ପଞ୍ଜି ମାସର ଅବଧି ମଧ୍ୟରେ 240 ଦିନର ସେବାକୁ ଗୋଟିଏ ସମ୍ପୂର୍ଣ୍ଣ ବର୍ଷ ପାଇଁ ନିରନ୍ତର ସେବାରେ ପରିଣତ କରେ ।

ଶ୍ରୀଯୁକ୍ତ ବି. ସେନ ଶିଳ୍ପ ବିବାଦ (ସଂଶୋଧନ) ଅଧିନିୟମ 1964 ପ୍ରତି ଆମର ଦୃଷ୍ଟି ଆକର୍ଷଣ କରିଥିଲେ, ଯାହା ଗତ ଡିସେମ୍ବର ମାସରେ ପାରିତ ହୋଇଥିଲା । 1964ର ସଂଶୋଧନକାରୀ ଅଧିନିୟମର ଧାରା 2 (iii) ଦ୍ୱାରା ମୂଳ ଅଧିନିୟମର ଦ୍ୱିତୀୟ ଧାରାର ଖଣ୍ଡ

(eee) କୁ ହଟାଇ ଦିଆଗଲା ଏବଂ ଧାରା 13 ଦ୍ୱାରା ମୂଳ ଅଧିନିୟମର ଧାରା 25B ପାଇଁ ନିମ୍ନଲିଖିତଗୁଡ଼ିକୁ ପ୍ରତିଷ୍ଠାପିତ କରାଗଲା :

" ଏହି ଅଧ୍ୟାୟର ଉଦ୍ଦେଶ୍ୟ ପାଇଁ 25B ନିମ୍ନମତେ ପ୍ରାବଧାନ ରଖେ -

(1) ଜଣେ ଶ୍ରମିକ ଏକ ଅବଧି ପାଇଁ ନିରନ୍ତର ସେବାରେ ଥିବା କୁହାଯିବ, ଯଦି ସେ ସେହି ଅବଧି ପାଇଁ ନିରବଚ୍ଛିନ୍ନ ସେବାରେ ଅଛନ୍ତି, ଯାହା ଅସୁସ୍ଥତା କିମ୍ବା ଅଧିକୃତ ଛୁଟି କିମ୍ବା ଦୁର୍ଘଟଣା କିମ୍ବା ବେଆଇନ ହୋଇନଥିବା ଧର୍ମଘଟ କାରଣରୁ କିମ୍ବା ଶ୍ରମିକମାନଙ୍କ ତରଫରୁ କୌଣସି ତ୍ରୁଟି ହେତୁ ନହୋଇ, ତାଲାବନ୍ଦ କିମ୍ବା କାର୍ଯ୍ୟ ବନ୍ଦ ଯୋଗୁଁ ବାଧାପ୍ରାପ୍ତ ହୋଇପାରେ ;

(2) ଯେଉଁଠାରେ ଜଣେ ଶ୍ରମିକ ଖଣ୍ଡ (1) ର ଅର୍ଥ ମଧ୍ୟରେ ଏକ ବର୍ଷର ଅବଧି ପାଇଁ ନିରନ୍ତର ସେବାରେ ନାହାଁନ୍ତି....ସେହି କ୍ଷେତ୍ରରେ, ସେ ଜଣେ ନିୟୋଜକଙ୍କ ଅଧୀନରେ ନିରନ୍ତର ଭାବେ ସେବା କରୁଥିବା ବିବେଚିତ ହେବେ -

(a) ଯଦି ଶ୍ରମିକ, ଏକ ବର୍ଷର ଅବଧି ପାଇଁ, ଗଣନା କରାଯିବାକୁ ଥିବା ତାରିଖ ପୂର୍ବରୁ ବାରଟି ପଞ୍ଜି ମାସର ଅବଧି ମଧ୍ୟରେ, ପ୍ରକୃତରେ ନିୟୋଜକମାନଙ୍କ ଅଧୀନରେ -

(i) ଏକ ଖଣିରେ ମାଟି ତଳେ ନିୟୋଜିତ ଜଣେ ଶ୍ରମିକଙ୍କ କ୍ଷେତ୍ରରେ ଏକ ଶହ ନବେ ଦିନରୁ ; ଏବଂ

(ii) ଅନ୍ୟ କୌଣସି ପରିସ୍ଥିତିରେ ଦୁଇ ଶହ ଚାଳିଶ ଦିନରୁ ;

କମ ସମୟ ପାଇଁ କାମ କରିନଥିବେ ।

. . . . . . .

. . . . . . . .

ଧାରା 25B ର ବ୍ୟାଖ୍ୟା, ଆବଶ୍ୟକ *ପରିବର୍ତ୍ତନ ସହିତ ପୂର୍ବ ଭଳି ସମାନ* । ଶ୍ରୀ ସେନ୍ ଯୁକ୍ତି କରିଥିଲେ ଯେ ଆଇନରେ ପରିବର୍ତ୍ତନ ତାଙ୍କ ଯୁକ୍ତିକୁ ସମ୍ମୁଖକୁ ଆଣିଛି । କିନ୍ତୁ ଆମେ ଏଥିରେ ସହମତି ପ୍ରକାଶ କରୁ ନାହୁଁ । ସଂଶୋଧିତ ଧାରା 25B ଅନ୍ୟ କେତେକ ପ୍ରସଙ୍ଗଗୁଡିକୁ ଯୋଡ଼ି ଯାହା

ବର୍ତ୍ତମାନର ଉଦ୍ଦେଶ୍ୟ ସହିତ ପ୍ରାସଙ୍ଗିକ ନୁହେଁ, କେବଳ ପୂର୍ବ ଧାରା 25B ଏବଂ 2 (eee) କୁ ଗୋଟିଏ ସ୍ଥାନରେ ଏକତ୍ର କରେ, କିନ୍ତୁ ନୂତନ ପ୍ରାବଧାନଗୁଡ଼ିକର ଉଦ୍ଦେଶ୍ୟ ଏହାଠାରୁ ଭିନ୍ନ ନୁହେଁ । ବାସ୍ତବରେ ଖଣ୍ଡ (b) ରେ "ପ୍ରତ୍ୟେକ ସମ୍ପାଦିତ ସେବା ବର୍ଷ" ଶବ୍ଦଗୁଡିକ ବଦଳରେ "ପ୍ରତ୍ୟେକ ନିରନ୍ତର ସମ୍ପାଦିତ ସେବା ବର୍ଷ" ଶବ୍ଦଗୁଡିକୁ ଅନ୍ତର୍ଭୁକ୍ତ କରି ମୂଳ ଅଧିନିୟମର ଧାରା 25F ର ସଂଶୋଧନ ବର୍ତ୍ତମାନ ଅସଂଶୋଧିତ ଧାରା 25 B ଏବଂ ଧାରା 25 B ର ଅସଂଶୋଧିତ ଖଣ୍ଡ (b) ମଧ୍ୟରେ ଥିବା ଅସାମଞ୍ଜସ୍ୟକୁ ଦୂର କରେ । ଯଦି ମୋଟ ସେବା, ବାରଟି ପଞ୍ଜି ମାସର ଅବଧି ମଧ୍ୟରେ 240 ଦିନ ପାଇଁ ହୁଏ, ଏପରି କେତେଗୁଡିଏ ପରିବର୍ତ୍ତନର ପୂର୍ବରୁ କିମ୍ବା ପରେ ନିରବଚ୍ଛିନ ସେବାର ଆବଶ୍ୟକ ନାହିଁ । ନୂତନ ଅଧିନିୟମରେ ଏକମାତ୍ର ପରିବର୍ତ୍ତନ ହେଉଛି ଯେ ଏହି ସେବା ଗଣନା କରାଯିବାକୁ ଥିବା ତାରିଖ ପୂର୍ବରୁ ବାରଟି ପଞ୍ଜି ମାସର ଅବଧି ମଧ୍ୟରେ ହେବା ଆବଶ୍ୟକ । ବର୍ତ୍ତମାନ ଶେଷ ସଂଶୋଧନ, ଅସଂଶୋଧିତ ଧାରା 25 B ରେ ଥିବା ଏକ ଅସ୍ପଷ୍ଟତାକୁ ହଟାଇ ଦିଏ ।

ତଦନୁସାରେ ଆମେ ନିର୍ଣ୍ଣୟ ନେଉ ଯେ ଆବେଦନ ଅଧୀନରେ ଥିବା ନିଷ୍ପତି ସଠିକ୍ । ଆବେଦନଟି ବିଫଳ ହୁଏ ଏବଂ ଏହାକୁ ଖାରଜ କରାଯାଏ ।

*ଆବେଦନକୁ ଖାରଜ କରାଗଲା ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।